# ପରିଶ୍ରମ ବିନା କିଛି ହୁଏନା

ଟିକି ଝରଣା ମୁଁ
ଟିକି ଝରଣା,
ନମାନେ ମୁଁ ବାଧା
ନ ମାନେ ମନା,
କଣ୍ଟା, ଝଟା, ବଣ,
ପାହାଡ ଡେଇଁ,
ଆଗକୁ ଆଗକୁ
ଯାଉଛି ବହି,
ଓଗାଳି ପଥ ମୋ, ଆଗେ ଆସନା,
ଟିକି ଝରଣା ମୁଁ ଟିକି ଝରଣା ।

ପାହାଡ ପଥର
ଟାଙ୍ଗରା ମାଟି,
ପଡି ଉଠି ଧାଏଁ
ସବୁ ମୁଁ କାଟି,
ହଟି ମୁଁ ନ ଯାଏ
କାହିଁ ରେ କେବେ,
ପାରିବିନି କିଛି
ମନେ ନ ଭାବେ,
ଅସମ୍ଭବ ବୋଲି ଜମା ମାନେନା,
ଟିକି ଝରଣା ମୁଁ ଟିକି ଝରଣା ।





ଦିନରାତି, ଆଉ

ବରଷା, ବଢି,

କୁହୁଡି, କାକର,

ତୋଫାନ, ଝଡି,

ରୋଧିନି ମୋ ବାଟ

କେବେ ବି କେହି,

ନିମିଷେ ନ ରହି

ଯାଉଛି ଧାଇଁ.

ଥରଟିଏ କେବେ ଥକି ପଡେନା,

ଟିକି ଝରଣା ମୁଁ ଟିକି ଝରଣା ।

କୁନା, ମୁନା, ଟୁନା,

ବାପିନା, ଜିନା.

ମଠୁଆ, ଠାପୁଆ

ଜମା ହୁଅନା,

ମୋ ପରି ଯାଅରେ

ଆଗକୁ ମାଡି,

ଅଳସୁଆ ପଣ

ସବୁକୁ ଛାଡି,

ପରିଶ୍ରମ ବିନା କିଛି ହୁଏନା

ଶିଖାଏ ଏହା ମୁଁ ଟିକି ଝରଣା,

ଟିକି ଝରଣା ମୁଁ ଟିକି ଝରଣା ।

